# କାବୁଲ ଗୁରୁଦ୍ୱାରରେ ଆତଙ୍କୀ ହମ୍‌ଲା: ୨୭ ମୃତ, ୧୫୦ ଆହତ

**କାବୁଲ,୨୫।୩/ଏଜେନ୍ସି :**

ଆଫଗାନିସ୍ତାନର ରାଜଧାନୀ କାବୁଲସ୍ଥିତ ସୋରବଜାର ଅଞ୍ଚଳରେ ଥିବା ଏକ ଗୁରୁଦ୍ୱାର ଉପରେ ବୁଧବାର ଆତଙ୍କୀ ହମ୍‌ଲା ହେବାରୁ ଅନ୍ୟୁନ ୨୭ ଜଣ ଶିଖଙ୍କ ପ୍ରାଣହାନି ଘଟିଥିଲାବେଳେ ୧୫୦ରୁ ଅଧିକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏହି ହମ୍‌ଲା ପାଇଁ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ନିଜକୁ ଦାୟୀ କରିଛି। ନିକଟରେ ଆମେରିକା ସହ ଶାନ୍ତି ଚୁକ୍ତି କରିଥିବା ତାଲିବାନ୍‌କୁ ବିରୋଧ କରି ପାକିସ୍ତାନର ଆଇଏସ୍‌ଆଇ ସମର୍ଥନରେ ଏଭଳି ହମ୍‌ଲା ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ନିକଟରେ ଦୋହାରେ ଆମେରିକା ଓ ତାଲିବାନ୍ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ, ଆମେରିକା ଆଫଗାନିସ୍ତାନରୁ ପର୍ଯ୍ୟାୟକ୍ରମେ ସମସ୍ତ ସୈନ୍ୟଙ୍କୁ ଅପସାରଣ କରିନେବାକୁ ରାଜି ହୋଇଥିଲା। ଏଭଳି ସ୍ଥିତିରେ ଆଫଗାନିସ୍ତାନରେ ସକ୍ରିୟ ଥିବା ଆତଙ୍କୀ ଗୋଷ୍ଠୀକୁ ପାକିସ୍ତାନ ସହଯୋଗ କରି ଫାଇଦା ନେବା ଚକରରେ ରହିଛି। ଏହି ପରିପ୍ରେକ୍ଷୀରେ କାବୁଲରେ ଶିଖ୍ ଗୁରୁଦ୍ୱାର ଉପରେ ହମ୍‌ଲାକୁ ଭାରତ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ଇସ୍ତାହାରରେ କୁହାଯାଇଛି, ଏଭଳି ହମ୍‌ଲାରେ ପ୍ରାଣ ହରାଇଥିବା ଶିଖ୍‌ଙ୍କ ଆତ୍ମୀୟସ୍ୱଜନଙ୍କୁ ଆମେ ଗଭୀର ସମବେଦନା ଜଣାଉଛୁ।